## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ଜଣେ ଗିରଫ

ଜୟପୁର,୩୦।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅନ୍ତର୍ଗତ ଉମୁରି କେନାଲ ନିକଟରେ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଅବକାରୀ ଚଢ଼ାଉ କରାଯାଇ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ କୈଳାସ ଚୌଧୁରୀ। କୈଳାସ ଦେଶୀମଦ ପ୍ରସ୍ତୁତ କରି ଲୁଚାଇ ରଖିଥିବା ସୂଚନା ପାଇ ଅବକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ସଦର ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତେବେ ଏହା ପୂର୍ବରୁ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। ପୋଲିସ ଓ ବିଭାଗୀୟ କର୍ମଚାରୀମାନେ ବହୁ ମଦଭାଟି ଭାଙ୍ଗି ୨ ହଜାର ଲିଟର ପୋଚ ଓ ୪୦ ଲିଟର ଦେଶୀ ମଦ ଜବତକରି ନଷ୍ଟକରି ଦେଇଛନ୍ତି। ମଦରନ୍ଧା ସରଞ୍ଜାମ, ଡ୍ରମ୍ ଆଦି ଜବତ ହୋଇଥିବା ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦତ୍ତ କହିଛନ୍ତି।

### ଯୌନ ନିର୍ଯାତନା ଆଇନ ସମ୍ପର୍କିତ ସଚେତନତା ଶିବିର

ଜୟପୁର,୩୦।୪(ପବନ ପାଣିଗ୍ରାହୀ)

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ମଙ୍ଗଳବାର ଜୟପୁର ଜିଲା ଜଜ୍‌ଙ୍କ ନିର୍ଦ୍ଦେଶରେ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ଆଇନ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜୟପୁର ଫାର୍ମାସୀ କଲେଜ, ଠାରେ ହୋଇଥିବା ଏହି କାର୍ମଶାଳାରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁମନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ କଲେଜର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ସୁପ୍ରିମକୋର୍ଟଙ୍କ ଗାଇର୍ଡଲାଇନ ପାଳନ କରି ସରକାରୀ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଉପରିସ୍ଥ କର୍ମଚାରୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଲେ ପିଡିତାଙ୍କୁ କଣ କରିବାକୁ ପଡିବ ଏବଂ ଏହାକୁ ସେମାନେ କିପରି ମୁକାବିଲା କରିବେ ସେ ସମ୍ପର୍କରେ ବୁଝାଇଥିଲେ। ଶିବିରରେ ଫାର୍ମାସୀ କଲେଜ ଅଧକ୍ଷ ଡ. ପୃଥିବୀରାଜ ମହାପାତ୍ର, ମାନସୀ ଖାଡେଙ୍ଗେ, ଭି. ଶ୍ରୀଦେବୀ, ମାଜମା ବେଗମଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସର୍ବଦଳୀୟ ବୈଠକ

### ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଲଢ଼ିବାକୁ ପ୍ରାର୍ଥୀଙ୍କୁ ପରାମର୍ଶ

ଜୟପୁର ୩୦।୪ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ନିର୍ବାଚନ ସମ୍ପର୍କିତ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜୟପୁର ଓ କୋଟପାଡ଼ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀଙ୍କ ସହ ନିର୍ବାଚନ ପର୍ଯ୍ୟବେକ୍ଷକ ପ୍ରିୟଙ୍କା ଗୋସ୍ୱାମୀ, ଉପଜିଲାପାଳ ପ୍ରଭାତ ପରିଡା, ତହସିଲଦାର ମୋନାଲିସା ଆଚାର୍ଯ୍ୟ, କୋଟପାଡ଼ ନିର୍ବାଚନମଣ୍ଡଳୀ ପାଇଁ ଏଡିଏମ୍ ଆଲୋମଣି ସେଠୀ, ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅସୀମା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଆଦର୍ଶ ଆଚରଣ ବିଧି, ନିର୍ବାଚନ ଖର୍ଚ୍ଚ ତାଲିକା ଉପରେ ଆଲୋଚନା ହେବା ସହ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଲଢ଼ିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଥିଲା।

# ନିର୍ବାଚନ ପର୍ଯ୍ୟବେକ୍ଷକ, ସହକାରୀ ନିର୍ବାଚନ (ଖର୍ଚ୍ଚ) ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

### ଏମ୍‌ସିଏମ୍‌ସି କେନ୍ଦ୍ର ପରିଦର୍ଶନ କଲେ

କୋରାପୁଟ,୩୦।୪(ଅମିତାଭ ବେହେରା)

ଆସନ୍ତା ସାଧାରଣ ନିର୍ବାଚନ ପରିଚାଳନା ନେଇ କୋରାପୁଟ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟଠାରେ କରାଯାଇଥିବା ଏମ୍‌ସିଏମ୍‌ସି କେନ୍ଦ୍ରକୁ ମଙ୍ଗଳବାର ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ପ୍ରିୟଙ୍କା ଗୌସ୍ୱାମୀ ଓ ସହକାରୀ ନିର୍ବାଚନ (ଖର୍ଚ୍ଚ) ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ ପରିଦର୍ଶନ କରିଛନ୍ତି। ନିର୍ବାଚନର ନୋଡାଲ ଅଧିକାରୀ ଧରଣୀଧର ବେହେରାଙ୍କ ଉପସ୍ଥିତରେ ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ଗୌସ୍ୱାମୀ ଓ ସହକାରୀ ନିର୍ବାଚନ ପର୍ଯ୍ୟବେକ୍ଷକ ମଲ୍ଲିକ ପରିଦର୍ଶନ କରି କାର୍ଯ୍ୟ ସମୀକ୍ଷା କରିଥିଲେ। ଗଣମାଧ୍ୟମ ସମ୍ପର୍କିତ ସମସ୍ତ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମ ଦ୍ୱାରା ପ୍ରକାଶ ଓ ପ୍ରସାରି ସମସ୍ତ ପେଡ ନିଉଜ ଓ ବିଜ୍ଞାପନ ଉପରେ ପ୍ରସ୍ତୁତ ସମସ୍ତ ସୂଚନା ଆଧାରିତ ଫାଇଲ ଓ ଗଣମାଧ୍ୟମରେ ପ୍ରସାର ହୋଇଥିବା ଖବର ନିର୍ବାଚନ କମିଶନଙ୍କ ଗାଇଡ ଲାଇନ ଅନୁସାରେ କରାଯାଇଛି କି ନାହିଁ ତାହା ଉପରେ ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ଏମ୍‌ସିଏମ୍‌ସି କେନ୍ଦ୍ରର ଅଧିକାରୀ ମୋନଜ ବେଉରା, ସୁତାପା ପ୍ରହରାଜ, ସଦସ୍ୟ ନିରୋଜ ଶତପଥୀ, ଲୋକ ସମ୍ପର୍କ ବିଭାଗର ସତ୍ୟନାରାଣ ପ୍ରଧାନ, ଅଲିଭା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



ଏମ୍‌ସିଏମ୍‌ସି କେନ୍ଦ୍ରକୁ ମଙ୍ଗଳବାର ନିର୍ବାଚନ କମିଶନଙ୍କ ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ପ୍ରିୟଙ୍କା ଗୌସ୍ୱାମୀ ଓ ସହକାରୀ ନିର୍ବାଚନ (ଖର୍ଚ୍ଚ) ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ ପରିଦର୍ଶନ କରୁଛନ୍ତି।

# ଜୟପୁରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଜୟପୁର,୩୦।୪(ପବନ ପାଣିଗ୍ରାହୀ)

ସାଧାରଣ ନିର୍ବାଚନ-୨୦୨୪କୁ ଦୃଷ୍ଟିରେ ରଖି ଜୟପୁରରେ ଜିଲା ପୋଲିସ ପକ୍ଷରୁ ମଙ୍ଗଳବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏଥିରେ ଏସ୍‌ଡିପିଓ ଅଙ୍କିତ ବର୍ମା, ଟାଉନ ଥାନା ଅଧିକାରୀ ରମଣିରଞ୍ଜନ ଦଳେଇଙ୍କ ସହ ୧ ପ୍ଲାଟୁନ ବିଏସ୍‌ଏଫ୍ ଯବାନ ସାମିଲ ହୋଇଥିଲେ। ଜୟପୁର ସହରରେ ଅସାମାଜିକ କାର୍ଯ୍ୟକଳାପକୁ ରୋକୋ ଦେବା ଓ ପୋଲିସ ପ୍ରତି ଲୋକଙ୍କ ଆସ୍ଥା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଫ୍ଲାଗ୍‌ମାର୍ଚ୍ଚ ଟାଉନ ଥାନାରୁ ବାହାରି ମୁଖ୍ୟ ରାସ୍ତା ଦେଇ ଲାଲା ସାହି, ବିକ୍ରମନଗର, ଏନ୍‌କେଟି ରୋଡ୍, ବେଲ୍‌ରୋଡ ଏମ୍‌ଜି ରୋଡ୍ ଦେଇ ପୁଣି ଟାଉନ ଥାନାଠାରେ ପହଞ୍ଚିଥିଲା।

# କଂଗ୍ରେସରେ ସାମିଲ ହେଲେ ବିଜେଡି ନେତା, କର୍ମୀ

ଜୟପୁର,୩୦।୪(ପବନ ପାଣିଗ୍ରାହୀ)

କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେଡି ଛାଡ଼ି ଅନେକ ନେତା ଓ କର୍ମୀ କଂଗ୍ରେସରେ ଯୋଗଦେଇଛନ୍ତି । ଜୟପୁର ବ୍ଲକ ଅନ୍ତର୍ଗତ ହାଡ଼ିଆ, ପୁଟ୍ରା, ଦେଉଳଗୁଡ଼ା, ପୂଜାରିଗୁଡ଼ାର ନେତା ଓ କର୍ମୀମାନେ ବିଧିବଦ୍ଧ ଭାବେ କଂଗ୍ରେସରେ ସାମିଲ ହୋଇଛନ୍ତି। ଏନେଇ ବିଧାୟକ ବାହିନୀପତି ମଙ୍ଗଳବାର ତାଙ୍କ ଲକ୍ଷ୍ମୀନଗର ବାସଭବନରେ ଦଳୀୟ ଉତ୍ତରୀୟ ଦେଇ ନୂଆ ନେତା, କର୍ମୀଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ସେହିପରି ଗ୍ରେସମଣ୍ଡପରେ ହାନାଗୁଡାର ନେତା କର୍ମୀମାନେ ମଧ୍ୟ ଅନ୍ୟ ଦଳ ଛାଡ଼ି କଂଗ୍ରେସରେ ଯୋଗଦେଇଛନ୍ତି। ନବାଗତମାନଙ୍କ ଯୋଗଦାନ ଫଳରେ କଂଗ୍ରେସ ଜୟପୁର ନିର୍ବାଚନମଣ୍ଡଳୀରେ ଆହୁରି ସଶକ୍ତ ହେବ ବୋଲି ବିଧାୟକ ବାହିନିପତି କହିଛନ୍ତି। ଏହି ମିଶ୍ରଣ ପର୍ବ ଅବସରରେ ରାଜ୍ୟ କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ବ୍ଲକ ସଭାପତି ବସନ୍ତ ନାୟକ, ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ବାହିନୀପତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଗାମୀ ଶିକ୍ଷାବର୍ଷରୁ ସ୍ଥାୟୀ ଏକାଡେମିକ୍ ବ୍ଲକ୍‌ରେ ପାଠପଢ଼ା

### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

କୋରାପୁଟ,୩୦।୪(ଅମିତାଭ ବେହେରା)

କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ରେ ଆସନ୍ତା ଶିକ୍ଷାବର୍ଷଠାରୁ ବିଶ୍ୱବିଦ୍ୟାଳୟର ପ୍ରଥମ ସ୍ଥାୟୀ ଏକାଡେମିକ୍ ବ୍ଲକ୍‌ରେ ପାଠପଢ଼ା ଆରମ୍ଭ ହେବ। ଏବେ ବିଶ୍ୱବିଦ୍ୟାଳୟର ୧୮ଟି ବିଭାଗ ମଧ୍ୟରୁ ୧୫ଟି ବିଭାଗର ଅସ୍ଥାୟୀ ବ୍ଲକ୍‌ରେ ପାଠପଢ଼ା ହେଉଛି। ଏହି ପରିବର୍ତ୍ତନ ବିଶ୍ୱବିଦ୍ୟାଳୟର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କହିଛନ୍ତି।

ଆସନ୍ତା କିଛି ମାସ ମଧ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ ନିର୍ମାଣାଧୀନ ନୂତନ ଏକାଡେମିକ୍ ବ୍ଲକ୍ କାର୍ଯ୍ୟ ଶେଷ ହେବ। ସବୁ କାର୍ଯ୍ୟ ଶେଷ ହେଲେ ଏକ ଚଳଚଞ୍ଚଳ କ୍ୟାମ୍ପସ ଜୀବନ ଆରମ୍ଭ ହେବ ବୋଲି ସେ କହିଥିଲେ। ଗତ ଫେବୃଆରୀ ୨୦ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିୟୁଓରେ ଦୁଇଟି ଏକାଡେମିକ୍ ବ୍ଲକ୍, ଗୋଟିଏ ପ୍ରଶାସନିକ ବ୍ଲକ, ଦୁଇଟି ହଷ୍ଟେଲ ଏବଂ ଗୋଟିଏ ପାଠାଗାର ଭବନ ପାଇଁ ଶିଳାନ୍ୟାସ କରିଥିଲେ। ଏଥିପାଇଁ କେନ୍ଦ୍ର ସରକାର ୧୨୯.୭୯ କୋଟି ଟଙ୍କା ମଞ୍ଜୁର କରିଥିଲେ। ବିଶ୍ୱବିଦ୍ୟାଳୟରେ ଅଧିକ ଏକାଡେମିକ୍ ବ୍ଲକ୍, ହଷ୍ଟେଲ, ଅନ୍ତର୍ଜାତୀୟ ଅତିଥି ଭବନ, ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଡିଟୋରିୟମ ସହ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଭାରତ ସରକାର ୪୭୯.୯୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି ବୋଲି କୁଳପତି ପ୍ରଫେସର ତ୍ରିପାଠୀ ସୂଚନା ଦେଇଥିଲେ। ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କୁଳପତି ତ୍ରିପାଠୀ କହିଲେ, ପୋଷାକ ପ୍ରସ୍ତୁତି ମାଧ୍ୟମରେ ସ୍ଥାନୀୟ ବେକାର ବ୍ୟକ୍ତିମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏକ ଚରଖା କେନ୍ଦ୍ର ପ୍ରତିଷ୍ଠା, ବିଭିନ୍ନ ବିଭାଗରେ ୩୭ ଜଣ ଅଧ୍ୟାପକଙ୍କୁ ନିଯୁକ୍ତ ଓ ୩୪ ଅଧ୍ୟାପକଙ୍କ ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବା ସିୟୁଓର ଯୋଜନା ରହିଛି ବୋଲି ସେ କହିଥିଲେ।



ସିୟୁଓର ସ୍ଥାୟୀ କ୍ୟାମ୍ପସ।

### ସବୁ ଗ୍ରାମକୁ ଆମ୍ବୁଲାନ୍ସ ଏସ୍‌ୟୁସିଆଇର ଦାବି

ଜୟପୁର,୩୦।୪(ପବନ ପାଣିଗ୍ରାହୀ)

ଆଗାମୀ ସାଧାରଣ ନିର୍ବାଚନରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶାର ୧୬ଟି ଲୋକ ସଭା ଓ ୨୮ଟି ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି । ଏହି କ୍ରମରେ ମଙ୍ଗଳବାର ସ୍ଥାନୀୟ ଦ୍ୱିତୀୟ ଦୈନିକ ବଜାର ଲେବର ଅଫିସ୍‌ଠାରେ ଦଳର ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଅବିଭକ୍ତ କୋରାପୁଟ ଜିଲାରେ ଦଳ ଦୀର୍ଘ ୪୦ ବର୍ଷ ଧରି କାର୍ଯ୍ୟ କରୁଛି। ମେଡିକାଲ କଲେଜରେ ସ୍ନାୟୁରୋଗ, ଯକୃତ ରୋଗ, ମୂତ୍ରରୋଗ ବିଭାଗ ଖୋଲିବା, ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତ, ଖାଲି ପଡ଼ିଥିବା ଅଧ୍ୟାପକ ଓ ଅନ୍ୟାନ୍ୟ ପଦବୀରେ ସ୍ଥାୟୀ ନିଯୁକ୍ତି, ହିତାଧିକାରୀଙ୍କୁ ଜମିପଟ୍ଟା, ସେବା ପେପର ମିଲ୍‌କୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ସମସ୍ତ ଗ୍ରାମକୁ ଆମ୍ବୁଲାନ୍ସ ବ୍ୟବସ୍ଥା ନେଇ ଦଳର ଆନ୍ଦୋଳନ ଜାରି ରହିଛି। ଏଥିସହ ସରକାରୀ କର୍ମଚାରୀଙ୍କ ନୂତନ ପେନ୍‌ସନ ଯୋଜନା ବନ୍ଦ କରି ପୁରୁଣା ପେନ୍‌ସନ ଯୋଜନା ଲାଗୁ କରିବା, ଏମ୍‌ଏସ୍‌ପିକୁ ଆଇନଗତ ଗ୍ୟାରେଣ୍ଟି ଦେବାକୁ ଦଳ ଦାବି କରିଛି। ଖବରଦାତା ସମ୍ମିଳନୀରେ ଜିଲା ସମ୍ପାଦକ କାହ୍ନୁ ବିଶ୍ୱାଳ, ଇନ୍ଦୁମତୀ ଦାସ, ସୁଭାଷ ଭଟ୍ଟାଚାର୍ଯ୍ୟ, ରବୀନ୍ଦ୍ର ପଣ୍ଡା, ପ୍ରଶାନ୍ତ ପଣ୍ଡା, ଜଗନ୍ନାଥ ହରିଜନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଅବସର ନେଲେ ଶିକ୍ଷକ



### କର୍କଟ ରୋଗରେ ପୀଡ଼ିତ, ସହାୟତା ଦାବି

ନବରଙ୍ଗପୁର,୩୦।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ବିରିଗୁଡ଼ା ଘୋଡାମାରି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ର କୁମାର ଦାଶ ମଙ୍ଗଳବାର ଅବସର ନେଇଛନ୍ତି। ଶିକ୍ଷକ ଜଣଙ୍କ କର୍କଟ ରୋଗରେ ପୀଡିତ। ସ୍ୱଳ୍ପ ବେତନର ଚାକିରୀ, ନିଜର ଭବିଷ୍ୟତ ନିଧି ଓ ପେନସନ ନ ଥିବାରୁ ଶିକ୍ଷକ ଆର୍ଥିକ ଅନାଟନ ମଧ୍ୟରେ ରହିଛନ୍ତି। ତେଣୁ ତାଙ୍କୁ ସହାୟତା ଦେବାକୁ ଦାବି ହୋଇଛି। କର୍କଟ ରୋଗରେ ଆକ୍ରାନ୍ତ ରବୀନ୍ଦ୍ରଙ୍କୁ ଅବସର ପରେ ବ୍ୟୟବହୁଳ ଚିକିତ୍ସା ପାଇଁ ଅର୍ଥ ଅଭାବ, ପେନସନ ନ ଥିବାରୁ ଔଷଧ କିଣି ସେବନ କରିବା କଷ୍ଟକର ହୋଇ ପଡ଼ିବ। ନିଜପାଇଁ ଖର୍ଚ୍ଚ ଉଠାଇ ପାରୁନଥିବା ରବିନ୍ଦ୍ର ଓ ତାଙ୍କ ସ୍ତ୍ରୀ ଏବେ ଚିନ୍ତାରେ। ଚାକିରୀ ସମୟରେ ଦୁଇଝିଅଙ୍କ ବିବାହ କରାଇଥିଲେ ମଧ ଅତିରିକ୍ତ ଦାୟିତ୍ୱ ବୋଝ ରହିଛି। ଏଭଳି ଅନେକ ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ଅବସର ପରେ ଅନ୍ୟର ସହାୟତା ଖୋଜି ବଞ୍ଚିବା ପାଇଁ ବାର୍ଦ୍ଧକ୍ୟ ଅବସ୍ଥାରେ ଲମ୍ବାଜୀବନ କାଟୁଛନ୍ତି ବୋଲି ସ୍କୁଲ ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ସରକାର ଘରୋଇ କମ୍ପାନୀରେ ପେନସନ ବ୍ୟବସ୍ଥା କରୁଛନ୍ତି। କିନ୍ତୁ ବ୍ଲକ ଗ୍ରାଣ୍ଟ ଶିକ୍ଷକ ଓ କର୍ମଚାରୀ ମାନଙ୍କ ପ୍ରତି ଅବିଚାର ହେଉଥିବା ନବରଙ୍ଗପୁର ବ୍ଲକ ଗ୍ରାଣ୍ଟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘ ସମ୍ପାଦକ କାଶୀନାଥ ମହାନ୍ତି କହିଛନ୍ତି। ଶିକ୍ଷକ ରବୀନ୍ଦ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ସ୍କୁଲ ପ୍ରଧାନ ଶିକ୍ଷକ, ବିଦ୍ୟାଳୟର କର୍ମଚାରୀ ସଂଘ ସମ୍ପାଦକ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଆକ୍ରମଣ: ମୁଖ୍ୟ ଅଭିଯୁକ୍ତଙ୍କ ବାପା ଗିରଫ

ବ୍ରହ୍ମପୁର,୩୦।୪(ସୁବାସ ଚନ୍ଦ୍ର ପାଢ଼ୀ):

ସଦର ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମର ଦୀପକ କୁମାର ସାହୁ ଓରଫ ମଣ୍ଟୁଙ୍କୁ ଖଣ୍ଡା ଓ କାତିରେ ମାରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଆକ୍ରମଣକାରୀଙ୍କ ବାପାଙ୍କୁ ଗିରଫ କରିଛି। ସେ ହେଲେ ଦକ୍ଷିଣପୁରର ସତ୍ୟ ନାରାୟଣ ସାହୁ(୫୮) । ଘଟଣାରେ ସତ୍ୟ ନାରାୟଣଙ୍କ ପୁଅ ନୀଳମାଧବଙ୍କ ସମେତ ତାଙ୍କ ପରିବାର ଓ ଅନ୍ୟମାନଙ୍କୁ ମିଶାଇ ମୋଟ ୭ ଜଣ ସଂପୃକ୍ତ ଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସେହିକ୍ରମରେ ପୋଲିସ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଛି।

ଆକ୍ରମଣର ଶିକାର ହୋଇଥିବା ମଣ୍ଟୁଙ୍କ ଭାଇ ପ୍ରମୋଦ କୁମାର ସାହୁ ସଦର ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୨୮ ତାରିଖ ରାତିରେ ତାଙ୍କ ସାନ ଭାଇ ମଣ୍ଟୁ ଘରେ ଥିଲେ। ଦକ୍ଷିଣପୁରର ନୀଳମାଧବ ତାଙ୍କ ଘର ନିକଟକୁ ଆସି ମଣ୍ଟୁକୁ ଡାକି ନିଜ ଘରକୁ ନେଇଥିଲେ। ସେଠାରେ ନୀଳମାଧବଙ୍କ ସହ ଆମ୍ବଗଡର ଜଗା ପାତ୍ର, ରାଇଝୋଳର ସାଗର ଗୌଡ ଓ ସୀତାରାମ ଗୌଡ ମିଳିତଭାବେ ତାଙ୍କୁ ମାଡ ମାରିଥିଲେ। ଏହାପରେ ନୀଳମାଧବଙ୍କ ବାପା ସତ୍ୟନାରାୟଣ ଏକ ଖଣ୍ଡା ଆଣି ଆକ୍ରମଣ କରିବାକୁ ପୁଅକୁ ଦେଇଥିଲେ। ପରେ ଅଭିଯୁକ୍ତମାନେ ମଣ୍ଟୁଙ୍କୁ ଖଣ୍ଡା, କାତି ଓ ଭୁଜାଲିରେ ଆକ୍ରମଣ କରିଥିଲେ। ଫଳରେ ମଣ୍ଟୁଙ୍କ ହାତ, ମୁଣ୍ଡରେ ଗଭୀର ଆଘାତ ହୋଇଥିଲା। ପରେ ତାଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ଅଭିଯୋଗ ପରେ ପୋଲିସ ନଂ.୧୭୭/୨୪ରେ ଏକ ମାମଲା ରୁଜୁ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମଣ୍ଟୁଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିବା ପୋଲିସ କହିଛି।

# ଜିନିଷ ପଠାଇବା ନାଁରେ ଦିବ୍ୟାଙ୍ଗ ଦୋକାନୀଙ୍କୁ ଠକେଇ

ବ୍ରହ୍ମପୁର,୩୦।୪(ସୁବାସ ଚନ୍ଦ୍ର ପାଢ଼ୀ):

ଜିନିଷ ପଠାଇବା ନାଁରେ ଜଣେ ଦିବ୍ୟାଙ୍ଗ ଦୋକାନୀଙ୍କଠାରୁ ଟଙ୍କା ଠକେଇ ହୋଇଛି। ଲୁଧିଆନାରେ ଥିବା ଏକ କମ୍ପାନୀର ଜଣେ କର୍ମଚାରୀ ଏହି ଟଙ୍କା ଠକି ନେଇଥିବା ଦୋକାନୀ ରାଜେଶ କୁମାର ମହାପାତ୍ର ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି। ହନୁମାନ ବଜାର ଛକରେ ରାଜେଶଙ୍କ ଷ୍ଟିଲ ଦୋକାନ ରହିଛି। ସେହି ଦୋକାନ ପାଇଁ ଫାଇବର ପ୍ଲେଟର ବିଭିନ୍ନ ସାମଗ୍ରୀ ଅର୍ଡର କରିବାକୁ ରାଜେଶ ଲୁଧିଆନାଠାରେ ଥିବା ଶିବା ଏଣ୍ଟରପ୍ରାଇଜେସ ନାମକ କମ୍ପାନୀ ସହ ଯୋଗାଯୋଗ କରିଥିଲେ। ପରେ ଉକ୍ତ କମ୍ପାନୀର କର୍ମଚାରୀ ନବୀନ ପୋଦାର ଓରଫ ହିମାଂଶୁ ରାଜେଶଙ୍କୁ ସାମଗ୍ରୀ କ୍ରୟ ବାବଦ ବିବରଣୀ ପଠାଇଥିଲେ। ରାଜେଶ କମ୍ପାନୀ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟରେ ସାମଗ୍ରୀ ପାଇଁ ମୋଟ ୬୫,୮୦୦ ଟଙ୍କା ପୈଠ କରିଥିଲେ। ହେଲେ ବହୁଦିନ ଯାଏଁ ତାଙ୍କ ନିକଟକୁ ସାମଗ୍ରୀ ଆସି ନ ଥିଲା। ଏ ନେଇ ସେ ହିମାଂଶୁଙ୍କ ସହ ଯୋଗାଯୋଗ କରିବାରୁ ସାମଗ୍ରୀ ପହଞ୍ଚିବ ବୋଲି ସେ ପ୍ରତିଶ୍ରୁତି ଦେଇଚାଲିଥିଲେ। ହେଲେ ସାମଗ୍ରୀ ଆସି ନଥିଲା। କିଛି ଦିନ ପରେ ହିମାଂଶୁ ଫୋନ ନ ଉଠାଇବାରୁ ରାଜେଶ କମ୍ପାନୀର ମାଲିକ ସହ ଯୋଗାଯୋଗ କରିବାରେ ହିମାଂଶୁ କିଛି ମାସ ହେବ ଚାକିରି ଛାଡି ଦେଇଥିବା ଜଣାପଡ଼ିଥିଲା। ହିମାଂଶୁଙ୍କ ଦ୍ୱାରା ଟଙ୍କା ଠକେଇର ଶିକାର ହୋଇଥିବା ଜାଣିବା ପରେ ରାଜେଶ ବଡବଜାର ଥାନାରେ ଅଭିଯୋଗ କରଛନ୍ତି। ପୋଲିସ ନଂ. ୧୫୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଉତ୍କଳ ବାଳାଶ୍ରମର ପ୍ରତିଷ୍ଠା ଦିବସ କାର୍ଯ୍ୟାନୁଷ୍ଠାନ ନେଲେ ବିଇଓ

ଜୟପୁର, ୩୦।୪(ପବନ ପାଣିଗ୍ରାହୀ)

ଜୟପୁର ପାରାବେଡାସ୍ଥିତ ଉତ୍କଳ ବାଳାଶ୍ରମର ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏଥିରେ ବିଡିଓ ଶକ୍ତି ମହପାତ୍ର, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ,ସିଡବ୍ଲୁସି ଅଧକ୍ଷ ଗାୟତ୍ରୀ ପାତ୍ର, ସୁପରିଟେଣ୍ଡେଣ୍ଟ ଲିଙ୍ଗରାଜ ପ୍ରଧାନ, ଏବିଡିଓ ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାଳାଶ୍ରମ ପରିସରରେ ଓପନ ଜିମ୍, ମିନି ମ୍ୟୁଜିକ ଷ୍ଟୁଡିଓ ଉଦ୍‌ଘାଟିତ ହୋଇଥିଲା। ପରେ ବାଳାଶ୍ରମ ଅନ୍ତେବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

### ବିଦ୍ୟାଳୟ ଫାଟକ ସମ୍ମୁଖରେ ଶିକ୍ଷୟିତ୍ରୀ ୨ଘଣ୍ଟା ଛିଡ଼ାହେବା ଘଟଣା

ସୁନାବେଡ଼ା,୩୦।୪(କୃତ୍ତିବାସ ପ୍ରଧାନ)

ଗ୍ରୀଷ୍ମ ପ୍ରବାହ ପାଇଁ ସ୍କୁଲ ଛୁଟି ରହିଥିଲେ ସୁଦ୍ଧା ଶିକ୍ଷକ ଓ କର୍ମଚାରୀଙ୍କ ଛୁଟି ପାଇଁ ଘୋଷଣା ହୋଇନାହିଁ। ତେବେ ଗତ ୨୫ ତାରିଖରେ ଜଣେ ଦିବ୍ୟାଙ୍ଗ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଆସି ସୁନାବେଡ଼ା ମିଗ୍-୪ ଉଚ୍ଚ ପ୍ରାଥମିକ ପ୍ରକଳ୍ପ ବିଦ୍ୟାଳୟ ଫାଟକ ସମ୍ମୁଖରେ ଦୀର୍ଘ ୨ଘଣ୍ଟା ଧରି ଛିଡ଼ା ହୋଇଥିଲେ। ବିଦ୍ୟାଳୟ ତାଲା ଖୋଲା ହୋଇ ନ ଥିବାରୁ ସେ ଭିତରକୁ ପ୍ରବେଶ କରିପାରି ନ ଥିଲେ। ଏହି ବିଷୟ ଜଣାପଡ଼ିବା ପରେ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) କୈଫିୟତ ତଲବ କରିଛନ୍ତି। ଏନେଇ ‘ବିଦ୍ୟାଳୟ ଫାଟକ ଆଗରେ ୨ଘଣ୍ଟା ଛିଡ଼ା ହେଲେ ଶିକ୍ଷୟିତ୍ରୀ’ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାର ପ୍ରଭାବରେ କାର୍ଯ୍ୟାନୁଷ୍ଠାନ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିମଳା ଥାନପତି, ସହକାରୀ ଶିକ୍ଷକ ଆଶୁତୋଷ ମାନସିଂହ ଏବଂ ୨ ଜଣ ସହକାରୀ ଶିକ୍ଷୟିତ୍ରୀ ନମିତା ପଟ୍ଟନାୟକ ଓ ଚିନୁରାଣୀ ଦେବନାଥଙ୍କୁ କୈଫିୟତ ତଲବ କରାଯାଇଛି। ଆଶୁତୋଷ ଓ ନମିତା ଘଟଣା ଦିନ ନିର୍ଦ୍ଦିଷ୍ଟ ସମୟରେ ସ୍କୁଲ ନ ଆସି ଉପସ୍ଥାନ ଖାତାରେ ସ୍କୁଲ ଖୋଲିବା ସମୟ ଉଲ୍ଲେଖ କରିଥିଲେ। ଏହା ବିଇଓ ଚମେଲି ମଜୁମଦାର ତଦନ୍ତ ସମୟରେ ଜାଣିବାକୁ ପାଇ ଉଭୟଙ୍କୁ କୈଫିୟତ ତଲବ କରିଛନ୍ତି।



ବିଦ୍ୟାଳୟ ଫାଟକ ସମ୍ମୁଖରେ ଛିଡ଼ାହୋଇଥିବା ଶିକ୍ଷୟିତ୍ରୀ।



OFFICE OF THE BLOCK EDUCATION OFFICER: SEMILIGUDA
NEAR BLOCK OFFICE, SEMILIGUDA -764036, DISTRICT – KORAPUT, ODISHA, E-MAIL – semiligudabeo.123@gmail.com

No. 734/2024 Date: 26/04/2024

SHOW CAUSE NOTICE

Name of the Delinquent Teacher : Sri Ashutosh Mansingh, Assistant Teacher
Name of the School : MIG-IV Project Upper Primary School

Madam,

During my enquiry on 26.04.2024 it is ascertain that, your school gate was closed till 9.00 A.M on 25.04.2024. You have attended school at 9.00 AM but you have signed in your attendance register by putting arrival time at 6.30 A.M while school gate was locked up to 9.00 A.M. In what circumstances you have not attended the school till 9.00 AM on 25.04.2024. Instructions has been issued from the undersigned for attending school from 6.30 AM to 10.30 A.M.

This shows your carelessness and disobedience of the orders of higher authorities and gross negligence in duty. Hence why action will not be initiated against you for such type of negligence. You are hereby directed to reply in writing to this Show cause notice within three days after receipt of this notice, failing which action as deemed fit will be initiated against you as per Government OCS-CCA Rules.

Sr. Block Education Officer, Semiliguda

Memo No. 740/2024 Date: 26.04.2024
Copy to CRCC, MIG-IV Cluster for information and necessary action.

Sr. Block Education Officer, Semiliguda

Memo No. 741/2024 Date: 26.04.2024
Copy submitted to the District Education Officer, Koraput for favour of kind information and necessary action.

Sr. Block Education Officer, Semiliguda

ବିଇଓଙ୍କ ତଦନ୍ତ ସମ୍ପର୍କିତ ଚିଠି ।

# ଗାଁ ସମସ୍ୟା ନ ସୁଧୁରିଲେ ଭୋଟ ଦେବୁନି

■ ମୌଳିକ ସୁବିଧାରୁ ବଞ୍ଚିତ ରାବୁଗୁଡ଼ା

■ ଗାଁ ମୁଣ୍ଡରେ ଲାଗିଛି ଭୋଟ ବର୍ଜନ ଫଳକ

**ରାୟଗଡ଼ା,୩୦।୪(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ଧାମୁଣିପଙ୍ଗା ପଞ୍ଚାୟତ ଅନ୍ତର୍ଗତ ରାବୁଗୁଡ଼ା ଗ୍ରାମରେ ଆଜିବି ମୌଳିକ ସୁବିଧା ଅପହଞ୍ଚ ହୋଇଛି। ଗାଁରେ ଆବଶ୍ୟକ ରାସ୍ତା ନ ଥିବା ବେଳେ ପାନୀୟ ଜଳ ଅଭାବ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ସେହିପରି ଆବାସ ଯୋଜନାରେ ଅନେକ ଯୋଗ୍ୟ ବ୍ୟକ୍ତି ସାମିଲ ହୋଇନାହାନ୍ତି। ଫଳରେ ଲୋକଙ୍କ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗ୍ରାମର ସମସ୍ୟା ସମ୍ପର୍କରେ ବିଭିନ୍ନ ସମୟରେ ବ୍ଲକ୍ ଓ ଜିଲା ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ସେହି ନିର୍ବାଚନମଣ୍ଡଳୀର ବିଧାୟକ ତଥା ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ମଧ୍ୟ ଗ୍ରାମର ସମସ୍ୟା ବିଷୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ଗ୍ରାମର ସମସ୍ୟା ନ ସୁଧୁରିଲେ ରାବୁଗୁଡ଼ା ଗ୍ରାମର ସମସ୍ତ ଭୋଟର ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିସହ କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀଙ୍କୁ ଗାଁ ଭିତରେ ପଶେଇ ଦେଉନାହାନ୍ତି। ଗାଁ ଭିତରେ ପ୍ରଚାର ମନା ବୋଲି ରୋକ୍‌ଠୋକ୍ ଜଣାଇବା ସହ ଏଥିପାଇଁ ଗାଁ ମୁଣ୍ଡରେ ବାଡ଼ ଘେରାଇବା ସହ ଫଳକ ମଧ୍ୟ ଲଗାଇଛନ୍ତି। ଏପରିକି ଗାଁ ପ୍ରବେଶ ପଥ ରାସ୍ତା ମଧ୍ୟ ବନ୍ଦ କରାଯାଇଛି। ନିଜ ଅଧିକାର ପାଇଁ ଏହି ଅଭିନବ ପ୍ରତିବାଦ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ବୋଲି ନିକଟସ୍ଥ ଗ୍ରାମର ଲୋକେ କହିଛନ୍ତି। ଆବଶ୍ୟକ ହେଲେ ରାବୁଗୁଡ଼ା ଗ୍ରାମର ଲୋକଙ୍କ ସହ ସେମାନେ ମଧ୍ୟ ସାମିଲହେବେ ବୋଲି କହିଛନ୍ତି।



ଭୋଟ ବର୍ଜନ ଚେତାବନୀ ଦେଇଥିବା ଗ୍ରାମବାସୀ।

ରାବୁଗୁଡ଼ା ଗ୍ରାମରେ ୩୧ ଆଦିବାସୀ ପରିବାର ବସବାସ କରୁଛନ୍ତି। ଜନସଂଖ୍ୟା ପ୍ରାୟ ୫୦୦। ସରକାରଙ୍କ ବିଭିନ୍ନ ଯୋଜନାରୁ ଆଜି ବି ଏହି ଗ୍ରାମବାସୀ ବଞ୍ଚିତ ରହିଛନ୍ତି। ଗାଁରେ ପାନୀୟଜଳର ସୁବିଧା ନ ଥିବାରୁ ଗ୍ରାମବାସୀ ବାଧହୋଇ ଝରଣାପାଣି ବ୍ୟବହାର କରୁଛନ୍ତି। ସେହିପରି ଆଦିବାସୀ ପରିବାରକୁ ଆବାସ ଯୋଜନାରେ ସାମିଲ ପାଇଁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବର୍ଷାଋତୁରେ କଲ୍ୟାଣୀ ନଦୀ ବାଟ ଓଗାଳୁଥିବାରୁ ଅଧିକାଂଶ ସମୟ ଏହି ଗ୍ରାମ ଜଳବନ୍ଦୀ ରହୁଛି। ଗ୍ରାମବାସୀ ଏମିତି ନାନା ସମସ୍ୟା ଭିତରେ ପେଷି ହେବାପରେ ଏହି ଅଭିନବ ପ୍ରତିବାଦ କରିଛନ୍ତି। ଆଉ ଗାଁ ମୁଣ୍ଡରେ ବାଡ଼ ବେଢ଼ି ପ୍ରଚାର ପାଇଁ ଆସିବେ ନାହିଁ ବୋଲି ଫଳକ ଲଗାଇବା ପରେ କୌଣସି ରାଜନୈତିକ ଦଳ ଗାଁ ଭିତରକୁ ଯିବାକୁ ସାହସ କରୁନାହାନ୍ତି । ଏ ସମ୍ପର୍କରେ କଲ୍ୟାଣସିଂହପୁର ବିଡିଓ ମନୀଷା ଦାସ କହିଛନ୍ତି, କଲ୍ୟାଣୀ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଗ୍ରାମ୍ୟ ନିର୍ମାଣ ବିଭାଗକୁ ଜଣାଯାଇଛି। ଖୁବ୍‌ଶୀଘ୍ର ପାନୀୟ ଜଳ ସମସ୍ୟା ସମାଧାନ କରାଯିବ। ଆବାସ ଯୋଜନା ତଥ୍ୟ ସଂଗ୍ରହ ହେଉଛି। ଏଥିସହ ସେହି ଗ୍ରାମର ଭୋଟର କିଭଳି ଭୋଟଦାନ କରିବେ ସେ ନେଇ ସଚେତନତା କରାଯାଉଛି ବୋଲି ବିଡିଓ ଦାସ କହିଛନ୍ତି।




ଗାଁ ମୁଣ୍ଡରେ ଭୋଟ ବର୍ଜନ ଫଳକ ।

## ନେତାଙ୍କୁ ଗାଁରେ ପୂରାଇଦେବୁନି



ଗାଁ ମୁଣ୍ଡରେ ହୋର୍ଡିଂ ମାରି କାହ୍ନୁଗୁଡ଼ା ଗ୍ରାମବାସୀ ପ୍ରତିବାଦ କରୁଛନ୍ତି।

■ ଭୋଟ ଦେବୁ, ହେଲେ ପ୍ରଚାର ମନା

■ ହୋର୍ଡିଂ ମାରି କାହ୍ନୁଗୁଡ଼ା ଗ୍ରାମବାସୀଙ୍କ ଚେତାବନୀ

**ଟିକିରି, ୩୦।୪(ପ୍ରଫୁଲ୍ଲ କୁମାର ବେହେରା)**

ସାଧାରଣ ନିର୍ବାଚନ ପ୍ରଚାର ପାଇଁ କୌଣସି ରାଜନୈତିକ ଦଳକୁ ଗାଁ ଭିତରକୁ ପ୍ରବେଶ କରେଇ ଦେବୁନେ ବୋଲି ଗାଁ ମୁଣ୍ଡରେ ବଡ଼ ହୋର୍ଡିଂ ମାରି ପ୍ରତିବାଦ କରିଛନ୍ତି ରାୟଗଡ଼ା ଜିଲା କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ କାହ୍ନୁଗୁଡା ଗ୍ରାମବାସୀ। ନିଜର ମତଦାନ ପାଇଁ ଭୋଟଦେବୁ, କିନ୍ତୁ ଗ୍ରାମକୁ କୌଣସି ରାଜନୈତିକ ଦଳକୁ ପଶେଇ ଦେବୁନି ବୋଲି ଗ୍ରାମବାସୀ ଏକ ବୈଠକ କରି ନିଷ୍ପତ୍ତି ନେଇଛନ୍ତି ।

ଗ୍ରାମକୁ ନିତିଦିନିଆ ରାସ୍ତା ନ ଥିବା ଭଳି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ଗ୍ରାମବାସୀ। ଗାଁର ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ବ୍ଲକ ପ୍ରଶାସନ, ଜିଲା ପ୍ରଶାସନ, ଏପରିକି ରାଷ୍ଟ୍ରପତିଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଏହାର ପ୍ରତିବାଦରେ କିଛିଦିନ ପୂର୍ବରୁ ଗ୍ରାମର ସମସ୍ତ ମହିଳା, ପୁରୁଷ, ବୃଦ୍ଧାବୃଦ୍ଧ ପିଲା ଛୁଆଙ୍କୁ ଧରି କାହ୍ନୁଗୁଡା ଗ୍ରାମଠାରୁ ୧୫ କି.ମି. ପଦଯାତ୍ରାରେ ଯାଇ କାଶୀପୁର ବ୍ଲକ ସମ୍ମୁଖରେ ସତ୍ୟାଗ୍ରହ ଆନ୍ଦୋଳନ କରିଥିଲେ। ନିଜ ମୌଳିକ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ପ୍ରାୟ ୨ଦିନ ଖୋଲା ଆକାଶ ତଳେ ପଡି ରହିଥିଲେ। ଏହାସତ୍ତ୍ୱେ କୌଣସି ରାଜନୈତିକ ଦଳ ସେମାନଙ୍କ ପାଖକୁ ଯାଇ ନ ଥିଲେ। ଏହାପରେ ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ ଗାଁକୁ ଯାତାୟାତ ପାଇଁ ପୋଲ କାମ ଆରମ୍ଭ କରିବା ସହ ଗ୍ରାମରେ ୨ଟି ନଳକୂପ ଖନନ କରିଛନ୍ତି। ୨ଦିନ ପୂର୍ବରୁ କାଶୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଅମୃତ ରାଉଳ ଗ୍ରାମରେ ପହଞ୍ଚି ଗ୍ରାମବାସୀ ସହ ଆଲୋଚନା କରିଥିଲେ।

## କଂଗ୍ରେସ ନେତା ରଘୁ ପାତ୍ରଙ୍କ ଇସ୍ତଫା



**ଗୁଣପୁର,୩୦।୪(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲାର ବରିଷ୍ଠ କଂଗ୍ରେସ ନେତା ରଘୁ ପାତ୍ର ମଙ୍ଗଳବାର ଦଳରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କର ଇସ୍ତଫାପତ୍ର ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ଜିଲା ସଭାପତି ବିଜୟ ଗମାଙ୍ଗଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ସ୍ୱାସ୍ଥ୍ୟଗତ କାରଣ ପାଇଁ ସେ ଦଳରୁ ଇସ୍ତଫା ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ରଘୁ ପାତ୍ର ଗୁଣପୁରର ପୂର୍ବତନ ବିଧାୟକ ନରସିଂହ ପାତ୍ରଙ୍କ ପୁଅ। ଗୁଡ଼ାରୀ ଅଞ୍ଚଳରେ ରଘୁ ପାତ୍ରଙ୍କ ବହୁତ ଦବ୍‌ଦବା ରହିଛି। ତାଙ୍କର ଦଳରୁ ଇସ୍ତଫା କଂଗ୍ରେସ ପାଇଁ ଆଗାମୀ ଦିନରେ କ୍ଷତି ହେବ ବୋଲି ଅନୁମାନ କରାଯାଉଛି ।

## ୨୦ ହଜାର ନୂଆ ଭୋଟରଙ୍କୁ ଦିଆଯିବ ନିମନ୍ତ୍ରଣପତ୍ର



ରାୟଗଡ଼ା ଜିଲାପାଳ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଓ ଉପଜିଲାପାଳ ନିମନ୍ତ୍ରଣପତ୍ର ଉନ୍ମୋଚନ କରୁଛନ୍ତି।

**ଶତ ପ୍ରତିଶତ ମତଦାନ ପାଇଁ ଜିଲା ପ୍ରଶାସନର ଅଭିନବ ପ୍ରୟାସ**

**ରାୟଗଡ଼ା,୩୦।୪(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାରେ ଆସନ୍ତା ମେ ୧୩ ତାରିଖରେ ସାଧାରଣ ନିର୍ବାଚନ ପାଇଁ ମତଦାନ ଅନୁଷ୍ଠିତ ହେବ। ଚଳିତ ଥର ଶତ ପ୍ରତିଶତ ମତଦାନ ପ୍ରଚେଷ୍ଟାରେ ନୂତନ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ମଙ୍ଗଳବାର ଜିଲା ପ୍ରଶାସନ ନିମନ୍ତ୍ରପତ୍ର ପ୍ରଦାନ ଭଳି ଅଭିନବ ପ୍ରୟାସର ଶୁଭାରମ୍ଭ କରିଛି। ଚଳିତ ଥର ୨୦ ହଜାର ନୂତନ ଭୋଟର ଯୋଡ଼ିହୋଇଛନ୍ତି। ସେମାନଙ୍କୁ ଭୋଟଦାନ ପ୍ରତି ଆକୃଷ୍ଟକରି ଯେପରି ଶତପ୍ରତିଶତ ମତଦାନ ହୋଇପାରିବ ସେଥିନିମନ୍ତେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏହି ନିମନ୍ତ୍ରଣପତ୍ର ବ୍ୟବସ୍ଥା କରାଯାଇଛି। ଏ ନେଇ ମଙ୍ଗଳବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟୱାନ ମହାଜନ ସୂଚନା ଦେବା ସହ ନିମନ୍ତ୍ରଣପତ୍ର ଉନ୍ମୋଚନ କରିଛନ୍ତି। ଏହିରେ ନୂତନ ଭୋଟର ନିଜର ପ୍ରଥମ ମତଦାନର ପ୍ରଥମ ପୁଲକ ଅନୁଭବ କରିବା ପାଇଁ ଭୋଟ ଦେବାକୁ ଉଲ୍ଲେଖ ରହିଛି। ଏଥିସହ ମତଦାନ ତାରିଖ, ସମୟ ସମେତ କେୱାଇସି ଆପ୍ ମାଧ୍ୟମରେ ନିଜ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀଙ୍କ ସୂଚନା ପାଇବା ଓ ଭୋଟର ହେଲ୍ପଲାଇନ ମାଧ୍ୟମରେ ଅନ୍ୟାନ୍ୟ ଭୋଟ ସମ୍ବନ୍ଧୀୟ ସୂଚନା ପାଇଁ ଉଲ୍ଲେଖ ରହିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ସନ୍ଦେହ

**ଧରାକୋଟ,୩୦।୪ (ବିଷ୍ଣୁ କେଶରୀ ଆଚାର୍ଯ୍ୟ):** ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ଜଗମୋହନ ଗ୍ରାମର ଭାଲୁ ସାହୁ (୭୦)ଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଇଛି। ଭାଲୁ ମଙ୍ଗଳବାର ମଧ୍ୟାହ୍ନରେ ନିକଟସ୍ଥ ଋଷିକୁଲ୍ୟା ନଦୀକୁ ଶୌଚ ପାଇଁ ଯାଇଥିବା ବେଳେ ସେଠାରେ ଟଳି ପଡ଼ିଥିଲେ। ସ୍ନାନ ପାଇଁ ଯାଇଥିବା ଗ୍ରାମର କେତେଜଣ ଲୋକ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ଭାଲୁଙ୍କୁ ନିକଟସ୍ଥ ଧରାକୋଟ ମେଡ଼ିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅତ୍ୟଧିକ ଖରା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

## ଗଞ୍ଜେଇ ଜବତ, ଯୁବତୀ ଗିରଫ

**ରାୟଗଡ଼ା,୩୦।୪(ଆଶିଷ ରଞ୍ଜନ ପଣ୍ଡା)**

ସ୍ୱଚ୍ଛ ଓ ଅବାଧ ନିର୍ବାଚନ ପାଇଁ ଅବକାରୀ ବିଭାଗ ପକ୍ଷରୁ ଜିଲାରେ ବେଆଇନ ଗଞ୍ଜେଇ ଚାଲାଣ ରୋକିବା ପାଇଁ ପାଟ୍ରୋଲିଂ ଜାରି ରହିଛି । ରାୟଗଡ଼ା ରେଲଷ୍ଟେଶନ ନିକଟରୁ ଅବକାରୀ ବିଭାଗ ୧୧କେଜି ୭୫୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ମାମଲାରେ ଗୀତ ବିଭାର ନାମକ ଜଣେ ଯୁବତୀଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ସୋମବାର ପାଟ୍ରୋଲିଂ ବେଳେ ରାୟଗଡ଼ା ରେଳ ଷ୍ଟେଶନ ନିକଟରେ ଯାଞ୍ଚ ବେଳେ ଜଣେ ଯୁବତୀଙ୍କୁ ପଚରାଉଚୁରା କରିଥିଲେ ଅବକାରୀ ବିଭାଗ କର୍ମଚାରୀ। ସନ୍ଦେହ ହେବାରୁ ତାଙ୍କ ନିକଟରେ ଥିବା ବ୍ୟାଗ୍‌କୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ସେଥିରେ ଗଞ୍ଜେଇ ରହିଥିବା ଦେଖିବାକୁ ମିଳିଥିଲା । ତେଣୁ ସମ୍ପୃକ୍ତ ଯୁବତୀଙ୍କୁ ଗିରଫ କରିଥିଲା ଅବକାରୀ ବିଭାଗ। ଏନେଇ ଅବକାରୀ ବିଭାଗ ପକ୍ଷରୁ ୨୮/୨୪ ମାମଲା ରୁଜୁ କରାଯାଇଛି ।



ଜବତ ଗଞ୍ଜେଇ ଓ ଗିରଫ ମହିଳା।

## ଲାଭ ଦେଉଛି ସୁଇଟ୍ କର୍ନ, ବେବି କର୍ନ ଚାଷ

**ତେନ୍ତୁଳିଖୁଣ୍ଟି, ୩୦।୪(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଚଳିତ ରବି ଋତୁରେ ଚାଷୀଙ୍କୁ ବେବି କର୍ନ ଓ ସୁଇଟ୍ କର୍ନ ଚାଷ ଭଲ ହୋଇଛି। ଏହି ଚାଷ କରିବା ପାଇଁ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ୮ ହେକ୍ଟରରେ ସୁଇଟ୍ କର୍ନ ଓ ୨ ହେକ୍ଟରରେ ବେବି କର୍ନ ଚାଷ କରିବାକୁ ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଇଥିଲା। ଅର୍ଥକରୀ ମକା ଚାଷ କରି ଉପଯୁକ୍ତ ବଜାର ବ୍ୟବସ୍ଥା ସୃଷ୍ଟି ଲକ୍ଷ୍ୟରେ ଏହା କରାଯାଇଛି। ବିହନ ପ୍ରଦାନ ବେଳେ ଫସଲର ଯତ୍ନ ଓ ଅମଳ ବିଷୟରେ ତାଲିମ ଦିଆଯାଇଥିଲା। ସୁଦାମ ପଣ୍ଡାଙ୍କ ସୁଇଟ୍ କର୍ନ କ୍ଷେତରେ କ୍ରପ୍ କଟିଂ କରାଯାଇଥିଲା। ତାଙ୍କ ଜମିରେ ପ୍ରାୟ ହେକ୍ଟର ପ୍ରତି ୭୦ ହଜାର ଗଛ ହୋଇଥିଲା। ସାଧାରଣ ମକା ହେକ୍ଟରରେ ସର୍ବାଧିକ ୬୦ କୁଇଣ୍ଟାଲ ଅମଳ ହୋଇ ଏକ ଲକ୍ଷ କୋଡିଏ ଲାଭ ମଳେ। କିନ୍ତୁ ସୁଇଟ୍ କର୍ନରେ ୨ ଲକ୍ଷ ୪୦ ହଜାର ମିଳିବ। ବେବି କର୍ନ ମଧ୍ୟ ପ୍ରାୟ ୩ ଲକ୍ଷ ଟଙ୍କାରେ ବିକ୍ରି ହୋଇପାରିବ। ଏଣୁ ପର୍ଯ୍ୟାୟକ୍ରମେ ଏହି ଚାଷ କରିବାକୁ ପରୀକ୍ଷାମୂଳକ ଭାବେ ଯୋଜନା କରାଯାଇଥିଲା। ବ୍ଲକରେ ସୁଦାମ ପଣ୍ଡା, ଜିମୁତ ବହନ ଚୌଧୁରୀ, ସଞ୍ଜୟ ତ୍ରିପାଠୀ ଲକ୍ଷ୍ମଣ ଗୌଡ଼, ଦେବାଶିଷ ପଣ୍ଡା ଙ୍କୁ ବିହନ ଓ ବୈଷୟିକ ସହାୟତା ଯୋଗାଇ ଦିଆଯାଇଥିଲା।

## ୩ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ପଦ୍ମପୁର,୩୦।୪(ପ୍ରଶାନ୍ତ କୁମାର କର)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକର ୩ ଜଣ ବରିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବଲ୍ଲଭପୁର ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅକ୍ଷୟ ପାଣିଗ୍ରାହୀ, ଜଗମଣ୍ଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପିନ ବିହାରୀ ନାୟକ ଓ ଝୁମୁରୁଗୁଡ଼ା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ଦେବୀଙ୍କୁ ସେମାନଙ୍କ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପଦ୍ମପୁରସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ହେଡ କ୍ଲର୍କ ରାମନାଥ ମହାପାତ୍ର ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରସେନ ଲିମା ଉକ୍ତ ୩ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରୋଭିଜିନାଲ ପେନସନ ସେମାନଙ୍କୁ ପ୍ରଦାନ କରିଥିଲେ ।

ଝୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ବେହେରାଙ୍କ ସଭାପତିତ୍ୱରେ ବରିଷ୍ଠ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ପୂର୍ବତନ ସହକାରୀ ଶିକ୍ଷକ ଉମାଶଙ୍କର ଦାସଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ରୁପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ରସେନ ଲିମା ଓ ସମ୍ମାନିତ ଅତିଥି ରୁପେ ମୁଖ୍ୟ କିରାଣୀ ରାମନାଥ ମହାପାତ୍ର, ଅବସର ପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଓ ବିଦ୍ୟାଳୟର ପୂର୍ବତନ ଅବସର ପ୍ରାପ୍ତ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ଇନ୍ଦୁପୁର ବିଦ୍ୟାଳୟର ଶିକ୍ଷକ ଅଜିତ ଚୌଧୁରୀ, ଉପର ଝୁମୁରୁଗୁଡ଼ା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର କର ପ୍ରଭୃତିଙ୍କୁ ଉପଢୌକନ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ମଞ୍ଚାସିନ ଅତିଥି ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁବାସିନୀ ଦେବୀଙ୍କ କର୍ତ୍ତବ୍ୟନିଷ୍ଠା ଓ ଛାତ୍ର ବତ୍ସଳ ଗୁଣ ବିଷୟରେ କହିଥିଲେ । ଏହାପରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ନିଜସ୍ୱ ରଚିତ ଅବସର କାଳୀନ କବିତା ପାଠ କରିଥିଲେ।



ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ହାଣ୍ଡି,ଗରା ଧରି ବ୍ଲକ୍ କାର୍ଯ୍ୟାଳୟରେ ପଶିଲେ ମହିଳା

**କୋଷାଗୁମୁଡ଼ା, ୩୦।୪(ପ୍ରସାଦ ବିଷୋୟୀ)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ରାଜୋଡ଼ା ପଞ୍ଚାୟତ ଗାଦବାଗୁଡ଼ା ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଛି। ଏହି ସମସ୍ୟା ଜଣାଇବାକୁ ମଙ୍ଗଳବାର ଗାଦବାଗୁଡ଼ା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ଗରା,ହାଣ୍ଡି ଧରି ୧୦ କି.ମି. ଦୂରରୁ କୋଷାଗୁମୁଡ଼ା ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ପାଣି ସମସ୍ୟାର ସମାଧାନ ନ ହେବା ଯାଏ କୌଣସି ଦଳର ନେତାଙ୍କୁ ଗାଁରେ ପୂରାଇ ନ ଦେବା ସହ ଭୋଟ ବର୍ଜନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ଗାଁର ହରିଜନ ସାହି ଓ ମାଝି ସାହିରେ ନଳକୂପ ନାହିଁ। ଏଣୁ ଏହି ସାହି ଲୋକେ ପାଣି ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସେମାନେ ବିଦ୍ୟାଳୟ ନଳକୂପ ଉପରେ ନିର୍ଭର କରନ୍ତି। କିନ୍ତୁ ବର୍ତ୍ତମାନ ଗ୍ରୀଷ୍ମଛୁଟି ଯୋଗୁ ସ୍କୁଲ ବନ୍ଦ ରହିଥିବାରୁ ପାଣି ସମସ୍ୟା ଦେଖାଦେଇଛି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଗାଦବାଗୁଡ଼ା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା କୋଷାଗୁମୁଡ଼ା ବ୍ଲକ୍ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବାବେଳେ ବିଡିଓ ଅନୁପସ୍ଥିତ ଥିଲେ। ମହିଳାମାନଙ୍କୁ ବ୍ଲକ୍ କର୍ମଚାରୀମାନେ ବୁଝାଶୁଝା କରିଥିଲେ। ଏହା ପରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଅମରେଶ ନାୟକ କୋଷାଗୁମୁଡ଼ାରୁ ଦୁଇଟି ଟ୍ୟାଙ୍କରରେ ପାଣି ସେ ଗ୍ରାମକୁ ପଠାଇବା ପରେ ମହିଳାମାନେ ଘରକୁ ଫେରିଥିଲେ।

## ସ୍ୱଚ୍ଛ, ଶତ ପ୍ରତିଶତ ମତଦାନ ଉପରେ ଗୁରୁତ୍ୱ

**ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକଙ୍କ ଗୁଣପୁର ଗସ୍ତ**

**ଗୁଣପୁର,୩୦।୪(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡ଼ା ଜିଲା ୧୩୮–ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଭାରତୀୟ ରାଜସ୍ୱ ସେବା ଅଧିକାରୀ ମିର୍ ମହମ୍ମଦ ଅଲ୍ଲୀ ମଙ୍ଗଳବାର ଗୁଣପୁର ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନ ଭାବେ ନାମାଙ୍କନ ଦାଖଲକରି ବିଧାୟକ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ସହ ଆଲୋଚନା କରିଥିଲେ । ଗୁଣପୁର ଉପଜିଲାପାଳ କୀରଣଦୀପ କୌର ସହୋତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ ବିଧାୟକ ପ୍ରାର୍ଥୀ ଓ ସେମାନଙ୍କ ଏଜେଣ୍ଟ ଉପସ୍ଥିତ ଥିଲେ। ନିର୍ବାଚନ ଲଢ଼ିବା, ପ୍ରତିଦ୍ୱନ୍ଦ୍ୱିତା କରିବା ଠିକ୍, କିନ୍ତୁ କେହି ବି ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ମାନ ସମ୍ମାନ ଉପରେ ଯେପରି ଆଞ୍ଚ ଆସିବା ଭଳି ବ୍ୟବହାର କରିବେ ନାହିଁ ଓ ସ୍ୱଚ୍ଛ, ଶତ ପ୍ରତିଶତ ମତଦାନ ଉପରେ ପର୍ଯ୍ୟବେକ୍ଷକ ଗୁରୁତ୍ୱ ଦେଇଥିଲେ । ସେହିପରି ସ୍ଥାନୀୟ ସୂଚନା କେନ୍ଦ୍ର ଓ ପାଠାଗାର ପରିସରରେ ଆୟୋଜିତ ନିର୍ବାଚନୀ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଭାରତ ସ୍ୱାଧୀନ ହେବା ପରଠାରୁ ଆୟୋଜିତ ସମସ୍ତ ନିର୍ବାଚନର ଫଟୋଚିତ୍ର ଦେଖି ପର୍ଯ୍ୟବେକ୍ଷକ ମହମ୍ମଦ ଅଲ୍ଲୀ ଖୁସିବ୍ୟକ୍ତ କରିଥିଲେ । ନିଜର ମତାମତ ଲିଖିତ ଭାବରେ ବକ୍ସରେ ପକାଇବା ସହ ଦସ୍ତଖତ ଅଭିଯାନ ବୋର୍ଡରେ ଦସ୍ତଖତ କରି ସମସ୍ତ ଅଧିକାରୀଙ୍କ ସହ ସେଲ୍‌ଫି ନେଇଥିଲେ। ପର୍ଯ୍ୟବେକ୍ଷକଙ୍କ ଗସ୍ତ ସମୟରେ ଡେପୁଟି କଲେକ୍ଟର ମଧୁସୂଦନ ମାଝି, ଗୁଣପୁର ତହସିଲଦାର ଲୀଳାବତୀ ଆଚାର୍ଜି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ା, ସହକାରୀ ଜିଲାପାଳ ସତ୍ୟଜିତ ନାୟକ, ବିପିନ ଚନ୍ଦ୍ର ନାୟକ, ମଙ୍ଗଳ ଅଧିକାରୀ ସୁରଜ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଏଲ୍. ସନ୍ତୋଷ କୁମାର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ନିର୍ବାଚନୀ ସମ୍ବନ୍ଧୀୟ ସମସ୍ତ ଆପତ୍ତି ଅଭିଯୋଗ ପ୍ରତିଦିନ ସକାଳ ୧୧ରୁ ୧୨ଯାଏଁ ରାୟଗଡ଼ା ଜିଲାପାଳଙ୍କ ଚିନ୍ତନ କକ୍ଷରେ ଗ୍ରହଣ କରାଯିବ ଓ ଆବଶ୍ୟକ ସ୍ଥଳେ ୭୬୦୫୯୭୪୧୩୫ କିମ୍ବା ୭୩୭୨୬୭୭୨୫୯ରେ ଯୋଗାଯୋଗ କରିବା ନିମନ୍ତେ ପର୍ଯ୍ୟବେକ୍ଷକ ସୂଚନା ଦେଇଛନ୍ତି ।




ନିର୍ବାଚନ ପର୍ଯ୍ୟବେକ୍ଷକ ଗୁଣପୁର ସୂଚନା କେନ୍ଦ୍ରଠାରେ ନିର୍ବାଚନୀ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

# ଅବାଧ, ନିରପେକ୍ଷ ନିର୍ବାଚନ କରିବାକୁ ଆଲୋଚନା

## ପ୍ରାର୍ଥୀ,ଦଳୀୟ ପ୍ରତିନିଧିଙ୍କ ସହ ପର୍ଯ୍ୟବେକ୍ଷକଙ୍କ ବୈଠକ

- ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ପର୍ଯ୍ୟବେକ୍ଷକଙ୍କୁ ଜଣାଇବାକୁ ପରାମର୍ଶ
- ପ୍ରାର୍ଥୀଙ୍କୁ ଖର୍ଚ୍ଚ ଠିକ୍ ଭାବରେ ରେଜିଷ୍ଟରରେ ଲିପିବଦ୍ଧ କରିବାକୁ ନିର୍ଦ୍ଦେଶ

ନବରଙ୍ଗପୁର,୩୦।୪(ସଦାଶିବ ପ୍ରହରାଜ)


ବୈଠକରେ ଅଧିକାରୀ, ପ୍ରାର୍ଥୀ ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଲୋକ ସଭା ଓ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ରାଜନୈତିକ ଦଳର ପ୍ରାର୍ଥୀ ଓ ପ୍ରତିନିଧିଙ୍କୁ ନେଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ ବୈଠକ କରାଯାଇଛି। ନବରଙ୍ଗପୁର ଲୋକ ସଭା ନିର୍ବାଚନ ମଣ୍ଡଳୀ ସାଧାରଣ ପର୍ଯ୍ୟବେକ୍ଷକ ପଲ୍ଲଭ ଗୋପାଳ ଝା, ନବରଙ୍ଗପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅର୍ଣ୍ଣବ ମୁଖାର୍ଜୀ, ଭାରତୀୟ ରାଜସ୍ୱ ସେବା ବରିଷ୍ଠ ଅଧିକାରୀ, ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଟି. ପି. ସଲିମ କୁମାର, ପୋଲିସ ପର୍ଯ୍ୟବେକ୍ଷକ ପ୍ରଭିନ୍ ସିଂ ମଲ, ଜିଲାପାଳ କମଳ ଲୋଚନ ମିଶ୍ର, ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚିନାରାୟଣ ଦରୱାନ, ଡେପୁଟି କଲେକ୍ଟର ପି. ମନସ୍ୱିତା ବୈଠକରେ ଉପସ୍ଥିତ ଥିଲେ। ନବରଙ୍ଗପୁରରେ ମେ ୧୩ରେ ସାଧାରଣ ନିର୍ବାଚନ ହେବ। ଏହାକୁ ଅବାଧ, ନିରପେକ୍ଷ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବେ ସୁପରିଚାଳନା ଏବଂ ନିର୍ବାଚନ ଆଚରଣ ବିଧିକୁ କଡ଼ାକଡ଼ି ପାଳନ କରିବାକୁ ଜିଲା ପ୍ରଶାସନ, ପୋଲିସ ପ୍ରଶାସନକୁ ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା, ପ୍ରାର୍ଥୀ, ପ୍ରତିନିଧି ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ସ୍ଥଳେ ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ସାଧାରଣ ପର୍ଯ୍ୟବେକ୍ଷକ, ଖର୍ଚ୍ଚ ପର୍ଯ୍ୟବେକ୍ଷକ,ପୋଲିସ ପର୍ଯ୍ୟବେକ୍ଷକଙ୍କ ସହିତ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଛି। ପ୍ରାର୍ଥୀଙ୍କ ଖର୍ଚ୍ଚ ଠିକ୍ ଭାବରେ ପ୍ରାର୍ଥୀଙ୍କୁ ଦିଆଯାଇଥିବା ରେଜିଷ୍ଟରରେ ଲିପିବଦ୍ଧ କରିବା, ସନ୍ଦେହ ଥିଲେ ଖର୍ଚ୍ଚ କମିଟିକୁ ସ୍ଥାନୀୟ ସର୍କିଟ ହାଉସରେ ଭେଟି ଏ ସମ୍ପର୍କରେ ଜଣାଇବାକୁ ଜିଲାପାଳ ମିଶ୍ର ପରାମର୍ଶ ଦେଇଥିଲେ। ସାଧାରଣ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବା ଦିଗରେ ସମସ୍ତ ଦଳର କର୍ମକର୍ତ୍ତା, ପ୍ରାଥୀ ଜିଲା ପ୍ରଶାସନକୁ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଶେଷରେ ଜିଲାପାଳ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ


ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ନୂତନ କର୍ମୀଙ୍କୁ ସ୍ୱାଗତ କରୁଛନ୍ତି।

## ଦଳରେ ମିଶିଲେ ୫୦ରୁ ଊର୍ଦ୍ଧ୍ୱ ନୂତନ କର୍ମୀ

ପାପଡ଼ାହାଣ୍ଡି,୩୦।୪(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଜଟାବାଲରେ ମଙ୍ଗଳବାର ବିଜେଡିର ଏକ କର୍ମୀ ସମ୍ମିଳନୀ ସହ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଳିକଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଦଳ ଛାଡି ୫୦ରୁ ଊର୍ଦ୍ଧ୍ୱ ନୂତନ କର୍ମୀ ବିଜେଡିରେ ମିଶିଥିଲେ। ଦଳ ପକ୍ଷରୁ ସମସ୍ତଙ୍କୁ ବିଧାୟକ ସ୍ୱାଗତ କରିଥିଲେ। ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ନୀତି ଏବଂ ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା କର୍ମୀମାନେ କହିଛନ୍ତି। ଏତଦ ବ୍ୟାତିତ ଦଳୀୟ ଆଲୋଚନା ହୋଇଥିଲା। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳକୁ କିପରି ବିପୁଳ ଭୋଟରେ ବିଜୟ କରିବା ସେନେଇ ଆଲୋଚନା ହୋଇଥିଲେ। ବିଧାୟକ ଓ ଏମପି ପ୍ରାର୍ଥୀଙ୍କ ଲାଗି ତୃଣମୂଳସ୍ତରରୁ ଗାଁ କୁ ଗାଁ ଯାଇ ପ୍ରଚାର କରିବାକୁ ବିଧାୟକ କହିଥିଲେ। ପୁଣି ନବୀନ ପଟ୍ଟନାୟକଙ୍କ ସରକାର ଗଢିବା ଲାଗି କର୍ମୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ।

# ଭାଜପାର ମିଶ୍ରଣ ପର୍ବ

ଉମରକୋଟ, ୩୦।୪(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ନଗର ମଣ୍ଡଳସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ରାଇଘର ବ୍ଲକ ଗୋନା ମଣ୍ଡଳର ଅନେକେ ଭାଜପାରେ ସାମିଲ ହୋଇଛନ୍ତି। କେନ୍ଦ୍ରୀୟ ଯୋଜନା ଓ ପ୍ରଧାନମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ମିଶିଥିବା ସେମାନେ କହିଛନ୍ତି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ସମସ୍ତ ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ରାଇଘର ଗୋନା ମଣ୍ଡଳ ସଭାପତି ମାୟାରାମ ଗଣ୍ଡ, ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଉମରକୋଟ ବିଧାନସଭା ସଂଯୋଜକ ସୁରେଶ କୁମାର ଆଚାର୍ଯ୍ୟ, ଜିଲା ସମ୍ପାଦକ ରାମ ନାୟକ, ନଗର ମଣ୍ଡଳ ସଭାପତି ଗୋପୀନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନଗର ସାଧାରଣ ସମ୍ପାଦକ ପ୍ରଭାତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନଗର ମଣ୍ଡଳ ଭାଜପାର ବହୁ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।


ଭାଜପା ନେତାଙ୍କ ସହ ଦଳରେ ସାମିଲ ହୋଇଥିବା ନୂତନ କର୍ମୀ।

# ହାଣ୍ଡି,ଗରା ଧରି ବ୍ଲକ୍ କାର୍ଯ୍ୟାଳୟରେ ପଶିଲେ ମହିଳା


ବ୍ଲକ୍ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

## ଗାଦବାଗୁଡ଼ା ଗ୍ରାମରେ ପାନୀୟ ଜଳ ସମସ୍ୟା

- ହରିଜନ ସାହି, ମାଝି ସାହିରେ ନଳକୂପ ନାହିଁ
- ପାଣି ପାଇଁ ବିଦ୍ୟାଳୟ ଉପରେ ନିର୍ଭର

କୋଷାଗୁମୁଡ଼ା, ୩୦।୪(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ରାଜୋଡ଼ା ପଞ୍ଚାୟତ ଗାଦବାଗୁଡ଼ା ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଛି। ଏହି ସମସ୍ୟା ଜଣାଇବାକୁ ମଙ୍ଗଳବାର ଗାଦବାଗୁଡ଼ା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ଗରା,ହାଣ୍ଡି ଧରି ୧୦ କି.ମି. ଦୂରରୁ କୋଷାଗୁମୁଡ଼ା ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ପାଣି ସମସ୍ୟାର ସମାଧାନ ନ ହେବା ଯାଏ କୌଣସି ଦଳର ନେତାଙ୍କୁ ଗାଁରେ ପୂରାଇ ନ ଦେବା ସହ ଭୋଟ ବର୍ଜନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

ଗାଁର ହରିଜନ ସାହି ଓ ମାଝି ସାହିରେ ନଳକୂପ ନାହିଁ। ଏଣୁ ଏହି ସାହି ଲୋକେ ପାଣି ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସେମାନେ ବିଦ୍ୟାଳୟ ନଳକୂପ ଉପରେ ନିର୍ଭର କରନ୍ତି। କିନ୍ତୁ ବର୍ତ୍ତମାନ ଗ୍ରୀଷ୍ମଛୁଟି ଯୋଗୁ ସ୍କୁଲ ବନ୍ଦ ରହିଥିବାରୁ ପାଣି ସମସ୍ୟା ଦେଖାଦେଇଛି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଗାଦବାଗୁଡ଼ା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା କୋଷାଗୁମୁଡ଼ା ବ୍ଲକ୍ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବାବେଳେ ବିଡିଓ ଅନୁପସ୍ଥିତ ଥିଲେ। ମହିଳମାନଙ୍କୁ ବ୍ଲକ୍ କର୍ମଚାରୀମାନେ ବୁଝାଶୁଝା କରିଥିଲେ । ସେମାନେ ଭୋଟ ବର୍ଜନ ଚେତାବନୀ ଦେଇଥିଲେ। ଏହା ପରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଅମରେଶ ନାୟକ କୋଷାଗୁମୁଡ଼ାରୁ ଦୁଇଟି ଟ୍ୟାଙ୍କରରେ ପାଣି ସେ ଗ୍ରାମକୁ ପଠାଇବା ପରେ ମହିଳାମାନେ ଘରକୁ ଫେରିଥିଲେ। ଏ ନେଇ ରାଜୋଡ଼ା ସରପଞ୍ଚ ବନମାଳି ଭତ୍ରାଙ୍କୁ ପଚାରିବାରୁ ପ୍ରତ୍ୟେକ ଦିନ ପାଣି ଟ୍ୟାଙ୍କର ଗାଦବାଗୁଡ଼ା ଗ୍ରାମକୁ ଯାଉଛି। ମଙ୍ଗଳବାର ଟ୍ରାକ୍ଟର ନ ଥିବାରୁ ପାଣି ଯାଇପାରି ନାହିଁ ବୋଲି ସେ କହିଛନ୍ତି। ଏ ନେଇ ବିଡିଓ ଆଶିଷ ତ୍ରିପାଠୀଙ୍କୁ ପଚାରିବାରୁ ଗାଁର ଭୂତଳ ଜଳସ୍ତର କମ୍ ରହିଛି। ତେଣୁ ଏପରି ଅସୁବିଧା ହେଉଛି। ଆଗକୁ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଲାଭ ଦେଉଛି ସୁଇଟ୍ କର୍ନ, ବେବି କର୍ନ ଚାଷ

ତେନ୍ତୁଳିଖୁଣ୍ଟି, ୩୦ ।୪(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଚଳିତ ରବି ଋତୁରେ ଚାଷୀଙ୍କୁ ବେବି କର୍ନ ଓ ସୁଇଟ୍ କର୍ନ ଚାଷ ଭଲ ହୋଇଛି। ଏହି ଚାଷ କରିବା ପାଇଁ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା।

୮ ହେକ୍ଟରରେ ସୁଇଟ୍ କର୍ନ ଓ ୨ ହେକ୍ଟରରେ ବେବି କର୍ନ ଚାଷ କରିବାକୁ ଚାଷୀଙ୍କୁ ବିହନ ଯୋଗାଇ ଦିଆଯାଇଥିଲା। ଅର୍ଥକରୀ ମକା ଚାଷ କରି ଉପଯୁକ୍ତ ବଜାର ବ୍ୟବସ୍ଥା ସୃଷ୍ଟି ଲକ୍ଷ୍ୟରେ ଏହା କରାଯାଇଛି। ବିହନ ପ୍ରଦାନ ବେଳେ ଫସଲର ଯତ୍ନ ଓ ଅମଳ ବିଷୟରେ ତାଲିମ ଦିଆଯାଇଥିଲା। ସୁଦାମ ପଣ୍ଡାଙ୍କ ସୁଇଟ୍ କର୍ନ କ୍ଷେତରେ କ୍ରପ୍ କଟିଂ କରାଯାଇଥିଲା। ତାଙ୍କ ଜମିରେ ପ୍ରାୟ ହେକ୍ଟର ପ୍ରତି ୭୦ ହଜାର ଗଛ ହୋଇଥିଲା। ସାଧାରଣ ମକା ହେକ୍ଟରରେ ସର୍ବାଧିକ ୬୦ କୁଇଣ୍ଟାଲ ଅମଳ ହୋଇ ଏକ ଲକ୍ଷ କୋଡିଏ ଲାଭ ମଳେ। କିନ୍ତୁ ସୁଇଟ୍ କର୍ନରେ ୨ ଲକ୍ଷ ୪୦ ହଜାର ମିଳିବ। ବେବି କର୍ନ ମଧ୍ୟ ପ୍ରାୟ ୩ ଲକ୍ଷ ଟଙ୍କାରେ ବିକ୍ରି ହୋଇପାରିବ। ଏଣୁ ପର୍ଯ୍ୟାୟକ୍ରମେ ଏହି ଚାଷ କରିବାକୁ ପରୀକ୍ଷାମୂଳକ ଭାବେ ଯୋଜନା କରାଯାଇଥିଲା। ଏହି ମିଶନରେ କୃଷି ବୈଜ୍ଞାନିକ ପ୍ରଦୀପ୍ତ କୁମାର ସେନ,ଏସ୍.କେ. ସାମୁଏଲ ଇସଲାମ, ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, କୃଷି ଓଭରସିୟର ଧୀରେନ ବେନ୍ୟା, ମଧୁସ୍ମିତା ପତି ସାମିଲ ଥିଲେ। ଏଟିଏମ୍ ବାଳଗୋବିନ୍ଦ ସାହୁ ଓ ଆଶିଷ ପରିଡ଼ା ବୈଷୟିକ ସହାୟତା ଯୋଗାଇ ଦେଇଥିଲେ। ବ୍ଲକରେ ସୁଦାମ ପଣ୍ଡା, ଜିମୁତ ବହନ ଚୌଧୁରୀ, ସଞ୍ଜୟ ତ୍ରିପାଠୀ ଲକ୍ଷ୍ମଣ ଗୌଡ଼, ଦେବାଶିଷ ପଣ୍ଡା ଙ୍କୁ ବିହନ ଓ ବୈଷୟିକ ସହାୟତା ଯୋଗାଇ ଦିଆଯାଇଥିଲା।


କ୍ରପ୍ କଟିଂ ବେଳେ କୃଷି ବିଭାଗ ଅଧିକାରୀ ଓ ଅନ୍ୟମାନେ।

# ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ସନ୍ଦେହ

ଧରାକୋଟ,୩୦।୪ (ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ଥାନା ଅନ୍ତର୍ଗତ ଜଗମୋହନ ଗ୍ରାମର ଭାଲୁ ସାହୁ (୭୦)ଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଇଛି। ଭାଲୁ ମଙ୍ଗଳବାର ମଧ୍ୟାହ୍ନରେ ନିକଟସ୍ଥ ଋଷିକୁଲ୍ୟା ନଦୀକୁ ଶୌଚ ପାଇଁ ଯାଇଥିବା ବେଳେ ସେଠାରେ ଟଳି ପଡ଼ିଥିଲେ। ସ୍ନାନ ପାଇଁ ଯାଇଥିବା ଗ୍ରାମର କେତେଜଣ ଲୋକ ତାଙ୍କ ପରିବାରକୁ ଖବର ଦେଇଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ଭାଲୁଙ୍କୁ ନିକଟସ୍ଥ ଧରାକୋଟ ମେଡ଼ିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଅତ୍ୟଧିକ ଖରା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।

# ଘର କରିଦେବାକୁ କହି ସରପଞ୍ଚ ଟଙ୍କା ନେଇଥିବା ଅଭିଯୋଗ

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା

ରାଇଘର, ୩୦।୪ (କିରଣ ପଟ୍ଟନାୟକ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରେଇଦେବାକୁ କହି ହିତାଧିକାରୀଙ୍କଠାରୁ ଟଙ୍କା ନେଇଗଲେ ସରପଞ୍ଚ। କିନ୍ତୁ ଏବେ ସୁଦ୍ଧା ଘର କାମ ସମ୍ପୂର୍ଣ୍ଣ ହୋଇ ନ ଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏପରି ଘଟଣା ନବରଙ୍ଗପୁର ଜିଲା ରାଇଘର ବ୍ଲକ ଦେବାଗାଁ ପଞ୍ଚାୟତ ସଦର ଗାଁରେ ଦେଖିବାକୁ ମିଳିଛି। ସରପଞ୍ଚ ଚରଣ ଗଣ୍ଡ ଦେବାଗାଁ ଗ୍ରାମର ୫ଜଣ ହିତାଧିକାରୀଙ୍କଠାରୁ ଘର ତିଆରି ବାବଦକୁ ବର୍ଷେ ହେବ ଟଙ୍କା ନେଇଥିବା ସେମାନେ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ମାଳତୀ ଗଣ୍ଡ, ରାମବତୀ ଗଣ୍ଡ, ରତନୀ ଗଣ୍ଡ, ଶୁକାରି ଗଣ୍ଡ ଓ ସୋନା ଗଣ୍ଡଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଆସିଥିଲା। ଘର ତିଆରି ପାଇଁ ହିତାଧିକାରୀମାନେ ଦେବାଗାଁ ସରପଞ୍ଚଙ୍କୁ ଠିକା ଦେଇଥିଲେ। ଏହା ମଧ୍ୟରେ ୧ବର୍ଷ ବିତି ଯାଇଥିବା ସୁଦ୍ଧା ସରପଞ୍ଚ କାମ କରୁ ନାହାନ୍ତି ଏବଂ ଫୋନ କଲେ ତାହା ରିସିଭ କରୁ ନ ଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ରାମବତୀ ଗଣ୍ଡଙ୍କ ଘରର ଫାଉଣ୍ଡେସନ ହୋଇଥିବା ବେଳେ ସେ ସରପଞ୍ଚଙ୍କୁ ୬୨ ହଜାର ଟଙ୍କା ଦେଇଛନ୍ତି। ମାଳତୀ ଗଣ୍ଡଙ୍କ ଘରର ଅଧା କାନ୍ଥ ଉଠିଥିବାବେଳେ ତାଙ୍କଠାରୁ ୫୦ ହଜାର, ରତନୀ ଗଣ୍ଡଙ୍କ ଘରର ଫାଉଣ୍ଡେସନ ପାଇଁ ୬ ଟି ଗାତ ଖୋଳି ୫୦ ହଜାର ଟଙ୍କା ସରପଞ୍ଚ ନେଇଥିବା ଅଭିଯୋଗ ହୋଇଛି। ଶୁକାରୀ ଗଣ୍ଡ ଓ ସୋନା ଗଣ୍ଡଙ୍କ ଘରର ଫାଉଣ୍ଡେସନ ପାଇଁ ଗାତ ଖୋଲା ହୋଇଥିବାବେଳେ ଉଭୟ ହିତାଧିକାରୀ ୪୦ ହଜାର ଲେଖାଏ ଦେଇଥିବା ଅଭିଯୋଗ ହୋଇଛି। ଟଙ୍କା ନେଇ ସରପଞ୍ଚ କିଛି କାମ କରିନଥିବା ସେମାନେ କହିଛନ୍ତି। ଖାଲି ଫାଉଣ୍ଡେଶନ ଗାତ ପାଇଁ ଏତେ ଟଙ୍କାର ବିଲ୍ କିପରି ହେଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ସରପଞ୍ଚଙ୍କ ସହ କିଛି ଅଧିକାରୀ ଏଥିରେ ସାମିଲ ଥାଇ ପାରନ୍ତି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ଘଟଣାର ତଦନ୍ତ କରିବାକୁ ଦାବି ହୋଇଛି। ଏ ନେଇ ସରପଞ୍ଚ ଚରଣ ଗଣ୍ଡଙ୍କୁ ପଚାରିବାରୁ ବାଲି, ସିମେଣ୍ଟ ଓ ଲୁହା ଛଡ ଆଣି ରଖାଯାଇଛି। ଖୁବ୍ ଶୀଘ୍ର ଘର ତିଆରି କରିଦେବି ବୋଲି ସେ କହିଛନ୍ତି।



# ବାଜା, ବାଣ ରୋଶଣିରେ ମନ୍ଦିରକୁ ଫେରିଲେ ମା’ ଠାକୁରାଣୀ

## ମା’ ଠାକୁରାଣୀଙ୍କ କଳସଯାତ୍ରା ଶେଷ

ଡାବୁଗାଁ, ୩୦।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାରେ ୯ ଦିନବ୍ୟାପୀ ଚାଲିଥିବା ମା’ ଠାକୁରାଣୀଙ୍କ କଳସଯାତ୍ରା ମଙ୍ଗଳବାର ଶେଷ ହୋଇଛି। ମଙ୍ଗଳବାର ଦିନ ସାରା ମା ଠାକୁରାଣୀଙ୍କ କଳସୀ ମଣ୍ଡପଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ୫ ଟାରେ ମା’ ଠାକୁରାଣୀଙ୍କ ଘଟ ସହ ଲାଠି, କୁର୍ଚ୍ଚି ଆଦି କଳସୀ ମଣ୍ଡପଠାରୁ ବହୁ ଆଡ଼ମ୍ବରରେ ଶୋଭାଯାତ୍ରା ବାହାରିଥିଲା। ବାଜା ବଜାଇ ବାଣ ଫୁଟାଇ ଗ୍ରାମର ସମସ୍ତ ଦେବୀଙ୍କୁ ଡାକ ଦେଇ ମା’ ଠାକୁରାଣୀ ମନ୍ଦିରକୁ ବାହାରିଥିଲେ। ଏଥିରେ ବହୁ ଭକ୍ତ ଉପସ୍ଥିତ ଥିଲେ। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବାଳିକା ମୁଣ୍ଡରେ କଳସ ବୋହି ମା’ ଠାକୁରାଣୀଙ୍କ ମନ୍ଦିରକୁ ଯାଇ ସେଠାକାର ପୋଖରୀରେ ବୁଡ଼ ପକାଇଥିଲେ। ପରେ ସମସ୍ତ ଗ୍ରାମବାସୀ ନିଜ ଘରକୁ ଫେରିଥିଲେ। ଡାବୁଗାଁ ପୋଲିସ ସହଯୋଗ କରିଥିଲେ।


ଠାକୁରାଣୀଙ୍କ ଘଟ କଳସ ମୁଣ୍ଡାଇ ବାଳିକାମାନେ ଯାଉଛନ୍ତି।

ଯାତ୍ରା କମିଟି ସଭାପତି ସତ୍ୟରଞ୍ଜନ ପାତ୍ର, ଉପସଭାପତି ବିନୋଦ ସୌରା, ସମ୍ପାଦକ କୁନୁ ପାତ୍ର ଏବଂ କୋଷାଧ୍ୟକ୍ଷ ସୁରେନ୍ଦ୍ର ରେଲି, ପାପନା ରେଲି, ଜିତୁ ରେଲି, ତରଣୀ ରେଲି ଏବଂ ସଞ୍ଜୟ ଶତପଥୀ, ଏ. ଶିବପ୍ରସାଦ, ଗୋପାଳ ପାତ୍ର ଓ ଅନ୍ୟମାନେ ଯାତ୍ରାକୁ ସୁରୁଖୁରୁରେ ପରିଚାଳନା କରିଥିଲେ। ଶୋଭାଯାତ୍ରାରେ ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବ୍ଲକ୍ କଂଗ୍ରେସ ସଭାପତି ଜି.ସାଇ ରାଜୁ, ଆଶୁତୋଷ ଜେନା, ବାବି ଜେନା, ଧବଳ ନାୟକ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋଇ ଓ ଅନ୍ୟମାନେ ସାମିଲ ହୋଇଥିଲେ।

